# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

**ପତ୍ରିକା ସଂଖ୍ୟା-୯୮/୨୩**

**ଜିଲ୍ଲା-ବାଲେଶ୍ୱର** ତା.୦୮.୧୨.୨୦୨୩

**ପାଣିପାଗ ପୂର୍ବାନୁମାନ (ତା.୧୩.୧୨.୨୦୨୩ ପର୍ଯ୍ୟନ୍ତ )-:** ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ପ୍ରଥମ ଦିନରେ ସ୍ୱଳ୍ପ ବର୍ଷା ଏବଂ ବାକି ୪ ଦିନ ଧରି ଶୁଖିଲା ପାଗ ରହିବାର ସମ୍ଭାବନା ଅଛି । ପବନର ବେଗ ଘଣ୍ଟା ପ୍ରତି ୦୯-୧୧ କିଲୋମିଟର ମଧ୍ୟରେ ରହିବ। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୨୫-୨୮ ଡିଗ୍ରୀ ସେଲସିୟସ ଏବଂ ସର୍ବନିମ୍ନ ତାପମାତ୍ରା ୧୬-୧୯ ଡିଗ୍ରୀ ସେଲସିୟସ ରହିବ।

## ପାଣିପାଗଭିତ୍ତିକ କୃଷି ଉପଦେଶ

### ଖରିଫ ଧାନ

- ଚାଷୀମାନେ ପରିପକ୍ୱ ଧାନ ଅମଳ କରନ୍ତୁ ଏବଂ ଦିନ ସମୟରେ ସୂର୍ଯ୍ୟକିରଣରେ ରଖି ଏହାର ଆର୍ଦ୍ରତା କମ୍ କରନ୍ତୁ।
- ଧାନ ଫସଲ ଶତକଡା ୮୦ ଭାଗ ପାଚିଗଲା ପରେ କାଟି ଶୀଘ୍ର ଅମଳ କରିଦିଅନ୍ତୁ । ଅମଳ ପରେ ଧାନକୁ ଭଲଭାବେ ଖରାରେ ୩ ରୁ ୪ ଦିନ ଶୁଖାଇ ସାଇତି ରଖନ୍ତୁ । ବିହନ ପାଇଁ ୧୨% ଆଦ୍ରତା ଓ ଖାଇବା ଉପୋଯୋଗୀ ପାଇଁ ୧୪% ଆଦ୍ରତା ରହିବା ଆବଶ୍ୟକ ।
- ଖଳା ଏବଂ ସଂରକ୍ଷଣ ସ୍ଥାନକୁ ସ୍ୱଚ୍ଛ ଏବଂ ଜୀବାଣୁନାଶକ କରନ୍ତୁ।
- ଧାନ ପଡିଯାଇଥିଲେ କମ୍ବାଇନ ଧାନକଟା ଯନ୍ତ୍ର ବ୍ୟବହାର କରି ଅମଳ କରନ୍ତୁ ।

### ସୋରିଷ

- ମାଟିର ଉପଯୁକ୍ତ ବତର ଥିବାରୁ ଏହାର ବିନିଯୋଗ କରି ସୋରିଷ ମଞ୍ଜି ବୁଣା ବୁଣି ଶୀଘ୍ର କରନ୍ତୁ ।
- ଉପଯୁକ୍ତ କିସମ
  ତୋରିଆ: ଅନୁରାଧା, ପାର୍ବତୀ, ସୁଶ୍ରୀ
  ସୋରିଷ: ଏନ.ଆର.ସି.ଏଚ.ବି. ୧୦୧, ମାହିକୋ ବୋଲ୍ଡ, ଜେ.ଡି. ୬, ପୁଷା ଯୟକିଶାନ
- ବିହନ ପରିମାଣ: ୮-୧୦ କିଗ୍ରା / ହେକ୍ଟର
- ଧାଡି କୁ ଧାଡି ବ୍ୟବଧାନ: ୩୦ ସେ.ମି. x ୧୦ ସେ.ମି.
- ହେକ୍ଟର ପ୍ରତି ତୋରିଆ କିସମ ପାଇଁ ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସଫରସ ଓ ୩୦ କି.ଗ୍ରା. ପୋଟାସ ସାର ଓ ଅଧିକ ଦିନିଆ ସୋରିଷ କିସମ ପାଇଁ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସଫରସ ଓ ୪୦ କି.ଗ୍ରା. ପୋଟାସ ସାର ପ୍ରୟୋଗ କରନ୍ତୁ। ଏହା ସହିତ ୪୦ କି.ଗ୍ରା. ସଲଫର, ୫ କି.ଗ୍ରା. ଜିଙ୍କ ଓ ୧ କି.ଗ୍ରା. ବୋରୋନ ପ୍ରୟୋଗ କରିବା ଆବଶ୍ୟକ।
- ମଞ୍ଜି ବୁଣିବାର ଦିନକ ପରେ ଏକର ପ୍ରତି ୧.୩ ଲିଟର ପେଣ୍ଡିମିଥାଳିନ ଘାସମରା ବିଷ ୩୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ୧୫-୨୦ ଦିନ ବେଳକୁ ଅଧିକ ଗଛ ଅପଡି ପତଳା କରି ଦିଅନ୍ତୁ। ଗଛ ୨୦-୨୫ ଦିନର ହୋଇଗଲେ କୋଡାଖୋଷା କରି ଅନାବନା ଘାସ ବାଛି ୫୦% ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।

### ପନିପରିବା

- ❖ ଯଦି ଝାଉଁଳା ରୋଗ ଦେଖାଯାଏ , ତେବେ ମାଟିକୁ ସୂର୍ଯ୍ୟକିରଣରେ ଉନ୍ମୁକ୍ତ କରନ୍ତୁ ଏବଂ ଟେବୁକୋନାଜୋଲ @200 ମିଲି ସହିତ ପ୍ଲାଣ୍ଟୋମାଇସିନ 200 ଗ୍ରାମ ପ୍ରତି ଏକରରେ ସିଞ୍ଚନ କରନ୍ତୁ।
- ❖ ପନିପରିବା ନର୍ସରୀ ଏବଂଜମିରେ ଥିବା ଧଳା ମାଛି, ପତ୍ରପୋଡା, ପତ୍ରଉଙ୍କୁଣି ଏବଂ ଜଉ ପୋକଙ୍କ ନିୟନ୍ତ୍ରଣ ପାଇଁ ଥାୟମେଥୋକଜାମ ୦.୪ ଗ୍ରାମ/ଲିଟର ପାଣି ପ୍ରତି ସିଞ୍ଚନ କରନ୍ତୁ।
- ❖ ବାଇଗଣ ଓ ଟମାଟୋ ଫସଲରେ ଝାଉଂଳା କିମ୍ବା ଆଂଶିକ ଝାଉଂଳା ରୋଗ ଦେଖାଗଲେ ଆକ୍ରାନ୍ତ ଗଛ କୁ ଓପାଡି ଦିଅନ୍ତୁ ଓ ଗଛ ମୂଳରେ ନିମ୍ବ କିମ୍ବା କରଞ୍ଜ ପିଡିଆ ପ୍ରୟୋଗ କରନ୍ତୁ । ପ୍ରତି ଲିଟର ପାଣିରେ ୧ ମି.ଲି. କବକ ନାଶକ ଟେବୁକୋନାଜୋଲ କୁ ମିଶାଇ ଗଛ ମୂଳ ଓ ପତ୍ରକୁ ସିଂଚନ କରନ୍ତୁ ।
- ❖ ଟମାଟ,ବାଇଗଣ,ଲଙ୍କା ଫସଲରେ ଚାରା ରୋପଣ ପୂର୍ବରୁ ଲିଟର ପାଣି ପ୍ରତି ୨ଗ୍ରାମ (ମେଟାଲାକସିଲ + ମାଙ୍କୋଜେବ) ସହ ୧ ଗ୍ରାମ ପ୍ଲାଣ୍ଟୋମାଇସିନ ମିଶାଇ ତଳି ବିଶୋଧନ କରନ୍ତୁ।

**ଫଳ**

**ନଡିଆ**-

- ❖ ଲାଲ୍ ତାଳପୋକ ଏବଂ ଗଣ୍ଡା ଭୃଙ୍ଗର କାର୍ଯ୍ୟକଳାପ ଉପରେ ନଜର ରଖ। ଗଣ୍ଡା ଭୃଙ୍ଗର ବିକାଶଶୀଳ ଅବସ୍ଥାକୁ ମାରିବା ପାଇଁ ନିକଟସ୍ଥ ଖତ ଗର୍ତ୍ତରେ ଲାମ୍ବଡା ସାଇହାଲୋଥ୍ରିନ ୧.୨ ମିଲି/ଲିଟର ପାଣି ସିଞ୍ଚନ କରନ୍ତୁ।
- ❖ ପତ୍ରପୋଡା ରୋଗ ଦେଖା ହେଲେ ୧ ଲିଟର ପାଣି ପ୍ରତି ୨ ଗ୍ରାମ (ମେଟାଲାକସିଲ + ମାଙ୍କୋଜେବ ) ମିଶାଇ ପତ୍ର ସିଞ୍ଚନ କରନ୍ତୁ।

**କଦଳୀ**-

- ❖ ସିଗାଟୋକା ଲିଫ ସ୍ପଟ ରୋଗର ପ୍ରକୋପକୁ କମ୍ କରିବା ପାଇଁ (କାରବେଣ୍ଡାଜିମ + ମ୍ୟାଙ୍କୋଜେବ) ୨ଗ୍ରାମ/ଲିଟର ପାଣି ରେ ମିଶାଇ ପ୍ରୟୋଗ କରନ୍ତୁ ।

**ମାଛ ଚାଷ**

- ➢ ପୋଖରୀରୁ ଅନାବନା ଘାସ , ଶିକାରୀ ଓ ଅଦରକାରୀ ଚୂନା ମାଛ ନଷ୍ଟ କରି ଏକର ପ୍ରତି ୧୦୦କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ।

**ପଶୁପାଳନ**

ପଶୁମାନଙ୍କୁ ନିୟମିତ ଭାବେ ଲୁଣ ସହିତ ଖଣିଜ ମିଶ୍ରଣ ଦିଆଯିବା ଉଚିତ ଏବଂ ପଶୁମାନଙ୍କର ଶକ୍ତି ଆବଶ୍ୟକତାକୁ ପୂରଣ କରିବା ପାଇଁ ଶୀତଋତୁରେ ଦୈନିକ ରାସନରେ ଗହମ ଶସ୍ୟ, ଗୁଡ଼ ଇତ୍ୟାଦି 10%-20% ପ୍ରଦାନ କରନ୍ତୁ।

ଚାଷରେର ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା, ଯାଅଁଳ , କୁକୁଡା ଚିଆଁ , ଛତୁ , ଛତୁ ମଞ୍ଜି , ଜୈବିକ ସାର , ଜୈବିକ କୀଟନାଶକ , ଜିଆ ଖତ , କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)